# ମନମୋହନ ଚଉଧୁରୀ

ଓଡିଶାର ସ୍ୱାଧୀନତା ଆନ୍ଦୋଳନ , ସମାଜ ସେବା , ସର୍ବୋଦୟ ବିଚାର ଧାରା ବିଷୟରେ ଆଲୋଚନାକୁ ଆସିଲେ ମନମୋହନ ଚଉଧୁରୀଂକ ନାମ ଉଚ୍ଚାରଣ ହୁଏ । ଜମିଦାର ପରିବାର, ଉଚ୍ଚ ସରକାରୀ ପଦ ପଦବୀ , ଉଚ୍ଚ ରାଜନୈତୀକ ଓ ସାମାଜୀକ ପ୍ରତିପତ୍ତୀରେ ମନମୋହନ ଚଉଧୁରୀଂକ ପରିବାରର ପରିଚୟ ଥିଲା | ଗୋଟିଏ ଘରେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମା ଦେବୀ, ମାଳତି ଦେବୀ, ଅନ୍ନପୁର୍ଣ୍ଣା ମହାରଣା , ଶରତ ଚନ୍ଦ୍ର ମହାରଣା, ମନମୋହନ ଚଉଧୁରୀ , ଓ ସୁମିତ୍ରା ଚୌଧୁରୀ ଓଡିଶାର ତ୍ୟାଗପୁର୍ତ ସେବାର ଇତିହାସ ସୃଷ୍ଟି କରିଥିଲେ | ସ୍ୱରାଜ ଆନ୍ଦୋଳନର ଉଚ୍ଛର୍ଗୀକୃତ ଜୀବନରେ ପାଶ୍ଚାତ୍ୟ ଶିକ୍ଷା ବିରୁଦ୍ଧରେ ଯାଇ ମନମୋହନ ଚଉଧୁରୀ କୌଣସି ସ୍କୁଲ ଓ କଲେଜରେ ନପଢିଥିଲେହେଁ ଉଚ୍ଚ ଶିକ୍ଷାର ସମସ୍ତ ଜ୍ଞାନ ନିଜେ ପାଠପଢି ହାସଲ କରିଥିଲେ | ଜ୍ଞାନୀ, କର୍ତ୍ତବ୍ୟନିଷ୍ଠ , ଓ ସମାଜ ସେବାର ଜଣେ ତ୍ୟାଗୀ ଓ ନିଷ୍ପାପର ସେବକ ଭାବରେ ସେ ନିଜର ସ୍ୱାକ୍ଷର ରଖି ଯାଇଛନ୍ତି |

ମା ରମା ଦେବୀଂକ ତ୍ୟାଗର ପଟାନ୍ତର ନାହିଁ | ଗୋପବନ୍ଧୁ ଚୌଧୁରୀ ଓ ତାଂକ ସୁଯୋଗ୍ୟ ପୁତ୍ର ମନମୋହନ , ସେମାନଂକ ଉପଯୁକ୍ତ ଦାୟାଦ |

ନିଜର ତ୍ୟାଗପୁତ ଜୀବନ, କର୍ତ୍ତବ୍ୟନିଷ୍ଠା, ଓ ନିଜର ଅସାଧାରଣ ଜ୍ଞାନ ଓ ନମ୍ରତାର ପ୍ରତିକ ଭାବେ ସେ ସାରା ଭାରତବର୍ଷରେ ଜଣେ ଉଚ୍ଚକୋଟୀର ଜନସେବୀ | ବିନୋବାଂକ ତାଂକ ପ୍ରତି ଅଜସ୍ର ଶ୍ରଦ୍ଧା ଥିଲା, ଓ ସେ ଓଡିଶାର ସର୍ବୋଦୟ ଆନ୍ଦୋଳନର ଜଣେ ପୁରୋଧା ଥିଲେ| ଅଜସ୍ର ଜ୍ଞାନସତ୍ତ୍ୱେ ତାଂକର ନମ୍ର ଓ ନିରାଡମ୍ବର ଜୀବନଶୈଳୀ , ଭଲପଣିଆ ଓ ଭଲମଣିଷ ଖୋଜୁଥିବା ବର୍ତମାନ ଓ ଅଗାମୀ ଦିନର ଚିନ୍ତାଶୀଳ ନାଗରିକ ମାନଂକର ଆଗରେ ଉଜ୍ଜ୍ୱଳ ବର୍ତିକାଭଳି ଜଳୁଥିବ |

ଡାକ୍ତର ଯଦୁନାଥ ପ୍ରସାଦ ଦାସ, ହୃଦରୋଗ ବିଶେଷଜ୍ଞ